## ସଂକ୍ଷେପରେ

### ଚାରାରୋପଣ କାର୍ଯ୍ୟକ୍ରମ

ଚିକିଟି,୭।୯(ଡି.ଏନ.ଏ.): ଚିକିଟିପେଣ୍ଠସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ଅଧକ୍ଷ କୃଷ୍ଣଚନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଶତାଧିକ ଛାତ୍ରୀଛାତ୍ର ରାଲିରେ ବାହାରି ପ୍ରତି ସାହି ବୁଲି ଲୋକଙ୍କୁ ପରିଷ୍କାର ପରିଚ୍ଛନତା ବିଷୟରେ ଜଣାଇବା ସହ ରାସ୍ତାରେ ଅଳିଆ ଆବର୍ଜନା ନ ପକାଇବା ପାଇଁ ସଚେତନ କରାଇଥିଲେ । ପରେ ସ୍କୁଲ ଚାରିପାଖେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ହରିଶ ପାଢ଼ୀ, ଶିକ୍ଷୟିତ୍ରୀ ଶ୍ରୁତି ମହାରଣା, ଲୋକେଶ କୁମାରଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ଥିଲେ ।

### ବର୍ଷାରେ ୧୫ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଲା

ବାଲିଗୁଡ଼ା,୭।୯(ଡି.ଏନ.ଏ.): ବାଲିଗୁଡା ଟାଉନରେ ଗତ ୩ ଦିନ ଧରି ଲଗାଣ ବର୍ଷା ଲାଗି ରହିବା ଫଳରେ ବ୍ୟାପକ କ୍ଷୟକ୍ଷତି ସହ ଜନଜୀବନ ଅବସ୍ତବ୍ୟସ୍ତ ହୋଇ ପଡିଛି। ୧୫ରୁ ଉର୍ଦ୍ଧ୍ୱ ଘର ଭାଙ୍ଗି ଥିବା ଜଣାପଡିଛି। ବୁଧବାର ଅପରାହ୍ନ ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବର୍ଷା ସହ ପବନ ଜାରି ରହିଛି। ୨ ଦିନ ମଧରେ ୧୧୩ ମିମି ବର୍ଷା ରେକର୍ଡ ହୋଇଥିବା ବିଡିଓ ନରେଶ କୁମାର ଶବର ସୂଚନା ଦେଇଛନ୍ତି। ଲଗାଣ ବର୍ଷା ଯୋଗୁ ୱାର୍ଡ ନଂ.୬ ନୂଆସାହି, ୱାର୍ଡ ନଂ. ୧୦ ଓ ୧୧ ଏବଂ ଖଜୁରିନାଳ, ଜାମପଦା, ପଣସପଡି, କାମନାସାହି, ପୂଜାରୀସାହିରେ ୧୫ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଛି। ବିଭିନ୍ନ ସ୍ଥାନରେ ବିଲରେ ବାଲି ଚରି ଯାଇଛି। ଶୁକ୍ରବାର ସ୍ଥାନୀୟ ତହସିଲଦାର କ୍ଷୀରାବ୍ଧିତନୟା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ କ୍ଷୟକ୍ଷତି ହୋଇଥିବା ଘର ଗୁଡିକର ଅନୁଧାନ କରିଥିଲେ। ପରେ ଘର ଭାଙ୍ଗିଥିବା ଲୋକଙ୍କୁ ସ୍କୁଲରେ ରଖିବା ସହ ଖାଦ୍ୟପେୟ ଓ ପଲିଥିନ ବ୍ୟବସ୍ଥା କରାଯାଇଛି। ତୁରନ୍ତ କ୍ଷତି ଆକଳନ କରି କ୍ଷତିପୂରଣ ଦିଆଯିବ ବୋଲି ତହସିଲଦାର କହିଛନ୍ତି।

### ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

ବାଲିଗୁଡ଼ା, ୭।୯(ଡି.ଏନ୍.ଏ.): ସୁନାପାଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କନିଷ୍ଠ ଶିକ୍ଷକ ଓ ଠିକା ଶିକ୍ଷକମାନଙ୍କର ବାଲିଗୁଡ଼ା ବ୍ଲକସ୍ତରୀୟ ଏକ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଲାବନ୍ୟ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମେ ଶିକ୍ଷକ ସୁରେଶ ଚନ୍ଦ୍ର ଦାଶ ୨୦୧୨ରୁ ୨୦୧୮ ମଧରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ସମସ୍ୟା ଆଲୋଚନା କରିଥିଲେ। ୨୦୧୮ ବ୍ୟାଚର ଠିକା ଶିକ୍ଷକମାନଙ୍କର ଦରମା ତୁରନ୍ତ ପ୍ରଦାନ କରିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତି କ୍ରମେ ରମେଶ ଚନ୍ଦ୍ର ସୁବୁଦ୍ଧିଙ୍କୁ ସଭାପତି, ପ୍ରତାପ ଚନ୍ଦ୍ର ରାଉତରାୟ ଉପ ସଭାପତି, ଦୟାନିଧି ସୁନା ସମ୍ପାଦକ, ଗଦାଧର ସାହୁ ସହ ସମ୍ପାଦକ, ପ୍ରଶାନ୍ତ କୁମାର ଜେନା କୋଷାଧକ୍ଷ ନିର୍ବାଚିତ ହୋଇଥିଲେ। ସୁରେଶ ଚନ୍ଦ୍ର ଦାଶ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ପ୍ରତାପ ଚନ୍ଦ୍ର ରାଉତରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଚାଷୀଙ୍କ ସମସ୍ୟା ନେଇ ବୈଠକ

କନିଷି,୭।୯(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଓ କ୍ଷତି ହୋଇଥିବା ଫସଲର ବୀମା ରାଶି ନ ମିଳିବା ନେଇ ଗତ ସପ୍ତାହରେ କନିଷି ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଅଭିଯୋଗ କରାଯାଇଥିଲା। ତହସିଲଦାର ଉକ୍ତ ଅଭିଯୋଗପତ୍ର ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ତହସିଲ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ହୋଇଥିଲା । କ୍ଷେତ୍ରସ୍ତରୀୟ ବିଭାଗୀୟ ମୁଖ୍ୟ ଯଥା ଜଳସେଚନ, କୃଷି, ଉଦ୍ୟାନ ପରିସଂଖ୍ୟାନ ପ୍ରମୁଖଙ୍କ ସହ ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ବୈଠକକୁ ଡ଼କାଯାଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ବ୍ଲକର କିଛି ପଞ୍ଚାୟତ ପାଇଁ ୩ କୋଟି ଟଙ୍କା ବୀମା ଟଙ୍କା ଆସିଥିବା ବେଳେ ଅନ୍ୟ କିଛି ପଞ୍ଚାୟତର ଚାଷୀଙ୍କ ପାଇଁ ଏହା ଆସିନାହିଁ। ଜିଲା ସମବାୟ ବ୍ୟାଙ୍କ ବ୍ରହ୍ମପୁରକୁ ଏ ସମ୍ପର୍କିତ ତଥ୍ୟ ଦେବା ପାଇଁ ଅନୁରୋଧ କରାଯାଇଥିଲା । ଆସନ୍ତା ୧୧ ତାରିଖରେ ଚାଷୀଙ୍କ ଜମିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଫସଲ କ୍ଷତିର ତଦନ୍ତ କରିବେ ବୋଲି ବୈଠକରେ ନିଷ୍ପତି ହୋଇଛି।

# ଟିବି ମିତ୍ର ଆପ୍‌ର ଶୁଭାରମ୍ଭ କଲେ ଜିଲାପାଳ

ଛତ୍ରପୁର,୭।୯(ଡି.ଏନ.ଏ)


ଟିବି ମିତ୍ର ଆପ୍‌ର ଶୁଭାରମ୍ଭ କରାଯାଉଛି।

**ପାଇଲଟ୍ ପ୍ରକଳ୍ପ**
- ବ୍ରହ୍ମପୁର, ବଡଗଡରେ ଆରମ୍ଭ
- ଗ୍ରୁପ୍‌ରେ ରହିବେ ଯକ୍ଷ୍ମା ଆକ୍ରାନ୍ତ

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲପାଳଙ୍କ ସମ୍ମିଳନୀ ଗୃହରେ ଟିବି (ଯକ୍ଷ୍ମା) ମିତ୍ର ଆପ୍ ଉଦଘାଟନ କରିଛନ୍ତି।। ଏହା ପାଇଲଟ୍ ପ୍ରୋଜେକ୍ଟ ଭାବେ ଓଡିଶାର ସହରାଞ୍ଚଳ ବ୍ରହ୍ମପୁରରେ ଓ ଗ୍ରାମାଞ୍ଚଳ ଭାବେ ବଡ଼ଗଡ଼ରେ ଆରମ୍ଭ ହୋଇଛି । ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ଚେନ୍ନାଇସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରିଚ୍ ସହଯୋଗରେ ଏହା କାର୍ଯ୍ୟକାରୀ ହୋଇଛି । ଜଣେ ଯକ୍ଷ୍ମା ଆକ୍ରାନ୍ତ ଏହି ଆପ୍ ମାଧମରେ ରୋଗର କାରଣ ଏବଂ ଏହାର ନିରାକରଣ ବାବଦ ସମସ୍ତ ତଥ୍ୟ ପାଇପାରିବେ। ଏହି ଆପ୍‌ରେ ଯକ୍ଷ୍ମା ଚିକିତ୍ସା କେନ୍ଦ୍ର, ଡାକ୍ତର, ଔଷଧର ନାମ ଏବଂ କେଉଁ ସମୟରେ ଔଷଧ ସେବନ କରିବେ ତା'ର ତଥ୍ୟ ମିଳିପାରିବ। ରାଜ୍ୟ ଏବଂ ରାଜ୍ୟ ବାହାରେ ଯେକୌଣସି ସ୍ଥାନରେ ଆଣ୍ଡ୍ରଏଡ୍ ଫୋନ୍ ମାଧମରେ ଏହି ଆପ୍‌କୁ ମାଗଣାରେ ଡାଇନ୍ ଲୋଡ୍ କରିହେବ । କେବଳ ଟେଲିଫୋନ୍ ନମ୍ବର ପ୍ରଦାନ କଲେ ଆପ୍ ତରଫରୁ ପ୍ରତ୍ୟୁତରରେ ସମ୍ପୃକ୍ତ କର୍ମଚାରୀ ବ୍ୟକ୍ତି ବିଶେଷଙ୍କୁ ସମସ୍ୟା ପଚାରି ବୁଝିବେ । ଏହି ଆପ୍ ସମ୍ବନ୍ଧରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ପାଇଁ ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତଥ୍ୟ ହିନ୍ଦୀ, ଇଂଲିଶ ଓ ଓଡିଆ ଭାଷାରେ ଉପଲବ୍ଧ। ୩ ମାସ ପାଇଁ ପରୀକ୍ଷାମୂଳକ ଭାବେ ଏହା କାର୍ଯ୍ୟକାରୀ ହେବ । ଫଳାଫଳକୁ ଦେଖି ସାରା ରାଜ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ ହେବ। ଗଞ୍ଜାମରେ ୨୦୧୬ରେ ୪,୫୮୦, ୨୦୧୭ ରେ ୪,୪୭୫ ଏବଂ ୨୦୧୮ ଜୁନ୍ ସୁଦ୍ଧା ୨,୪୮୨ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ରୋଗ ଚିହ୍ନଟ ପାଇଁ ଅତ୍ୟାଧୁନିକ ସିବିନ୍ୟାଟ୍ ମେଶିନ୍ ବ୍ୟବହାର କରାଯାଉଛି। ବ୍ରହ୍ମପୁରର ସିଟି ହସ୍ପିଟାଲ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଓ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଏହି ମେଶିନ୍ ଉପଲବ୍ଧ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ରାଜ୍ୟ ଯକ୍ଷ୍ମା ନିୟନ୍ତ୍ରଣ ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା, ବହୁମୁଖୀ ଯକ୍ଷ୍ମା ନିରାକରଣ ସଂଯୋଜକ ଡା. ବାଳକୃଷ୍ଣ ପଣ୍ଡା, ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲା ଯକ୍ଷ୍ମା ନିୟନ୍ତ୍ରଣ ପ୍ରକଳ୍ପ ସଂଯୋଜକ ଜ୍ଞାନ ରଞ୍ଜନ ମହାନ୍ତି, ରିଚ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ରାଜ୍ୟ ସଂଯୋଜକ ଦେବଜ୍ୟୋତି ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜାତୀୟ ପୁଷ୍ଟିକର ସଚେତନତା ସଭା



ସଚେତନତା ଶୋଭାଯାତ୍ରା ।

ଦିଗପହଣ୍ଡି,୭।୯(ଡି.ଏନ.ଏ.)

ଜାତୀୟ ପୁଷ୍ଟିକର ସପ୍ତାହ ପାଳନ ଅବସରରେ ଗୁରୁବାର ଦିଗପହଣ୍ଡିରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମସ୍ତ ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀ ସାମିଲ ହୋଇଥିଲେ। ସିଡିପିଓ ଯଶୋବନ୍ତୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼. ମଧୁସୂଦନ ପାଣିଗ୍ରାହୀ, ଡ଼ା. ସସ୍ମିତାରାଣୀ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ସାଧନା ମହିଳା ସଂଘ ସଭାନେତ୍ରୀ ପି. ବିଜୟଲକ୍ଷ୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ପିଙ୍କି ବେହେରା, ଅଙ୍ଗନୱାଡ଼ି ସୁପରଭାଇଜର ଭାରତୀ ବ୍ରହ୍ମା, ଇନ୍ଦିରା ପାତ୍ର, କନକଲତା ବେହେରା, ଅଶାନ୍ତ ପାତ୍ର, ମନୀଷାରାଣୀ ପଟ୍ଟନାୟକ, ଅଶାନ୍ତ ପାତ୍ର, ଅନିମା ପ୍ରଧାନ, ଅଞ୍ଜଳୀରାଣୀ ପାତ୍ର, ଅର୍ଚ୍ଚନା ପାଢ଼ୀ, ଗାୟତ୍ରୀ ପାତ୍ର, ଗୌରୀ ସେଠୀ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ପାଲୁର, ହୁମ୍ମା, ଜୟଶ୍ରୀ ଛକରେ ଫ୍ଲାଏ ଓଭର ଦାବି

- ଜିଲାପାଳଙ୍କୁ ଭେଟିଲେ ବିଜେଡି ନେତା, ଜନପ୍ରତିନିଧି

ଛତ୍ରପୁର,୭।୯(ଡି.ଏନ.ଏ)


ଜିଲାପାଳଙ୍କୁ ଭେଟି ଫେରୁଛନ୍ତି।

ଗଞ୍ଜାମ ଏନଏସି ଜୟଶ୍ରୀ ଛକ, ବ୍ଲକ ଅଧୀନ ପାଲୁର ଓ ହୁମ୍ମା ଛକ ନିକଟ ୧୬ ନଂ.ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନହାନି ହେଉଛି । ଉକ୍ତ ୩ ଛକ ନିକଟ ଜାତୀୟ ରାଜପଥରେ ଫ୍ଲାଏ ଓଭର ନିର୍ମାଣ କରିବାକୁ ଗଞ୍ଜାମ ଏନ୍‌ଏସି ଓ ବ୍ଲକ ବିଜେଡି ତଥା ନିର୍ବାଚିତ ଜନପ୍ରତିନିଧିଙ୍କ ପକ୍ଷରୁ ଦାବି ହୋଇଛି । ଶୁକ୍ରବାର ବିଜେଡି ନେତା ଏବଂ ଜନପ୍ରତିନିଧିମାନେ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ଜାତୀୟ ରାଜପଥ ଗଞ୍ଜାମ ଋଷିକୁଲ୍ୟା ବ୍ରିଜ୍‌ଠାରୁ ରମ୍ଭା ସହର ପର୍ଯ୍ୟନ୍ତ ୨୦ କି.ମି. ଦେଇ ଯାଇଛି । ଉକ୍ତ ରାସ୍ତାର ଜୟଶ୍ରୀ, ପାଲୁର ଓ ହୁମ୍ମା ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଜୟଶ୍ରୀ ଛକର ଗୋଟିଏ ପାର୍ଶ୍ୱରେ ଏନଏସି ଓ ବ୍ଲକ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ଥିବା ବେଳେ ଜାତୀୟ ରାଜପଥ ଅତିକ୍ରମ କରି ଗ୍ରାସୀମ ଇଣ୍ଡଷ୍ଟ୍ରିଜ, ସ୍କୁଲକୁ ଯିବାକୁ ପଡୁଛି । ସେହିପରି ହୁମ୍ମା ଛକରୁ ତାରାତାରିଣୀ ପୀଠ ଓ ଆସିକା ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ ହୋଇ ଯିବାକୁ ପଡେ । ପାଲୁର ଛକରୁ ପୁରୀ ଯିବା ପାଇଁ ଦୂରତା କମ୍ ଥିବା ଯୋଗୁଁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ବହୁ ଭକ୍ତ ଓ ଜନସାଧାରଣ ଜାତୀୟ ରାଜପଥ ପାର ହୋଇ ଯାଇଥାନ୍ତି। ତେଣୁ ଉକ୍ତ ଛକ ଗୁଡିକରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇଛି। ଗଞ୍ଜାମ ବ୍ଲକ ଉପାଧକ୍ଷା ମିନତି ପ୍ରଧାନ, ଏନଏସି ଅଧକ୍ଷା ଉର୍ମିଳା ପଲେଇ, ସମିତିସଭ୍ୟ ସୁରଥ ପ୍ରଧାନ, ଶତ୍ରୁଘ୍ନ ମହାଙ୍କୁଡ, ସି ପ୍ରଧାନ, ଝିଲି ପଲେଇ ଓ ସୁଷମା ଦାସ, ସରପଞ୍ଚ ରାଧା ମୋହନ ସାହୁ ଓ ସନ୍ତୋଷ କୁମାର ସେଠୀ, ବିଜେଡି ଗଞ୍ଜାମ ବ୍ଲକ ସଭାପତି ଇନ୍ଦ୍ରମଣି ଦଳାଇ, ଉପସଭାପତି ମନୋଜ କୁମାର ପ୍ରଧାନ ଓ ବିଜୟ କୁମାର ବିଶ୍ୱାଳ ଓ ତ୍ରିନାଥ ବେହେରା, ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ଅଧକ୍ଷ ରଘୁନାଥ ସାହୁ, ଯୁବ ବିଜେଡି ସଭାପତି ଶିବ ପ୍ରସାଦ ସ୍ୱାଇଁ, ସୁଧୀର କୁମାର ପଲାଇ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ ।

## ଭୀମ ଭୋଇ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

କନିଷି,୭।୯(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକରେ ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଭୀମଭୋଇ ସାମର୍ଥ୍ୟ ଶିବିର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ପଞ୍ଚାୟତର ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ୫ଟି କମ୍ପାନୀର ବିଭିନ୍ନ ଉପକରଣ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, ବିଡିଓ କୁମାର ନାଗଭୂଷଣ, ଏବିଡିଓ ତ୍ରିପତୀ ବାଲାଜୀ ସାମନ୍ତରାୟ, ଜିପିଓ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପିଏ ମନୁ ପାତ୍ର ଓ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ଗ୍ରାମସେବକ, ବ୍ଲକ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୭।୯

କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ବିଦ୍ୟାଳୟରେ ରାଷ୍ଟ୍ରୀୟ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ଶୀଳଭଦ୍ର, ଡା. ଶୁଚିସ୍ମିତା ଦାସ, ଫାର୍ମାସିଷ୍ଟ ଶୁଭଶ୍ୱିନୀ ପାତ୍ର, ସୁପ୍ରଭା କୁମାରୀ ଦାଶ ପ୍ରମୁଖ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଔଷଧ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଡି. ରାମେଶ୍ୱର ଆଚାରୀ ଓ ନର୍ମଦା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଦୁର୍ଗାମଣ୍ଡପ ଜମିରେ ନିର୍ମାଣକୁ ବିରୋଧ

ବିଡିଓ, ଥାନାଧିକାରୀଙ୍କୁ ଦାବିପତ୍ର ଦେଲା କମିଟି


ଦାବିପତ୍ର ଦେବାକୁ ଯାଇଥିବା କମିଟି ସଦସ୍ୟ।

ଦାରିଙ୍ଗବାଡ଼ି,୭।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ଚାରିଛକ ଠାରେ ରହିଛି ଦୁର୍ଗା ମଣ୍ଡପର ଜମି। ପ୍ରତିବର୍ଷ ସେଠାରେ ପୂଜାପାର୍ବଣ ପାଳନ କରାଯାଉଥିବା ବେଳେ କିଛି କୁଚକ୍ରୀ ଗୋଷ୍ଠି ଉକ୍ତ ଜମି ଉପରେ ନଜର କରିଛନ୍ତି। ପ୍ରଶାସନକୁ ଧରି ଉକ୍ତ ଜମିରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ଯାତ୍ରୀ ବିଶ୍ରାମଗାର ଶୌଚାଳୟ ନିର୍ମାଣ କରିବାକୁ ସ୍ଥାନୀୟ ତହସିଲଦାର ସୁନିଲ କୁମାର ପ୍ରଧାନଙ୍କ ଜରିଆରେ ମାପ କରାଯାଇଛି । ଏହାକୁ ଦୁର୍ଗା ପୂଜା କମିଟି ପକ୍ଷରୁ ବିରୋଧ କରାଯିବା ସହ ଏହି ନିର୍ମାଣକୁ ବନ୍ଦ କରିବାକୁ ସ୍ଥାନୀୟ ବିଡିଓ ତ୍ରିଲୋଚନ ପାତ୍ରଙ୍କ ସମେତ ଦାରିଙ୍ଗବାଡ଼ି ଥାନାରେ ଅଲେଖ ଗରଡ଼ିଆଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ ରହିଛି ଯେ ଦୁର୍ଗାପୂଜା କମିଟିରେ ଜମି ପ୍ଲଟ ନଂ-୧୩୮୭ ଖାତା ନଂ-୩୭୦ ଦେବସ୍ଥଳି, ବିଜେସ୍ଥଳି ଶ୍ରୀଦୁର୍ଗାଦେବୀଙ୍କ ଆସ୍ଥାନ ରହିଛି। ତହସିଲଦାର ଯାତ୍ରୀ ବିଶ୍ରାମାଗାର ପାଇଁ ମାପ କରିବା ଘଟଣାକୁ କମିଟି ନିନ୍ଦା କରୁଥିବା ଦାବି ପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ଜମି ବିବାଦ ନେଇ ବାଲିଗୁଡ଼ା ଉପଜିଲାପାଳଙ୍କ କୋର୍ଟରେ ମାମଲା ବିଚାରାଧିନ ରହିଛି ଏଣୁ ଉକ୍ତ ଜମିରେ କୌଣସି ନିର୍ମାଣ ନକରିବାକୁ କମିଟି ଦାବି କରିଛି। ଏନେଇ ଆଇଆଇସି ଅଲେଖ ଗରଡ଼ିଆ ମଧ ଆସନ୍ତା ଦଶହରା ପର୍ଯ୍ୟନ୍ତ ଉକ୍ତ ଜମିରେ କୌଣସି ନିର୍ମାଣ ନ କରିବାକୁ ଦାରିଙ୍ଗବାଡ଼ି ବିଡିଓ ପାତ୍ରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏନେଇ ତହସିଲଦାର ସୁନିଲ କୁମାର ପ୍ରଧାନ କହିଛନ୍ତି, ସର୍ବସମ୍ମତି କ୍ରମେ ଜମି ମାପ କରାଯାଇ ଚିହ୍ନଟ କରାଯାଇଛି। ଲୋକଙ୍କ ହିତ ପାଇଁ ବିଶ୍ରାମଗାର ନିର୍ମାଣ କରାଯିବ। ତେବେ ଉଭୟ ଗୋଷ୍ଠିଙ୍କ କୌଣସି ଅଭିଯୋଗ ନଥିଲା। ଏବେ ବ୍ଲକ ପ୍ରଶାସନ ସେଠାରେ ନିର୍ମାଣ କରିବ ନକରିବ ତାଙ୍କ ଉପରେ ନିର୍ଭର କରୁଛି। କମିଟିରେ ସନ୍ତୋଷ କୁମାର ସାହୁଙ୍କ ସମେତ ଲଡୁ କିଶୋର ସାହୁ, ସରୋଜ ସାହୁ, ବୁଲୁ ସାହୁ, ଆଇନଜୀବୀ ହରେନ ସାହୁ, ବଣିକ ସଂଘ ସଭାପତି ବଣିକ ସଂଘ ସଭାପତି ଅରୁଣ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

# ବ୍ଲକସ୍ତରୀୟ ସାଇନ୍ସ ସେମିନାର

ଖଲ୍ଲିକୋଟ,୭।୯(ଡି.ଏନ୍.ଏ.)



ସାଇନ୍ସ ସେମିନାରରେ ଉପସ୍ଥିତ ଅଧ୍ୟାପକ।

ଖଲ୍ଲିକୋଟ ବ୍ଲକ କେଶପୁର ବଜାରରେ ଥିବା ଉଦୟନାଥ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଭାସ୍କର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ବ୍ଲକ ସ୍ତରୀୟ ସାଇନ୍ସ ସେମିନାର ଅନୁଷ୍ଠିତ ହୋଇଯାଇଛି। ସେମିନାରରେ ବ୍ଲକର ୧୧ଟି ହାଇସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଖଲ୍ଲିକୋଟ ଆଦର୍ଶ ବିଦ୍ୟାଳୟ ଟି.ବାଗଲପୁର, ଆର୍‌ସିଏମ୍ ହାଇସ୍କୁଲ କନ୍ହେଇପୁର, ଭରସା ୟୁଜି ହାଇସ୍କୁଲ, ଖାଡେଶ୍ୱର ହାଇସ୍କୁଲ, ଉଦୟନାଥ ବିଦ୍ୟାପୀଠ, ସାବୁଳିଆ ଷ୍ଟୁଡେଣ୍ଟ ହାଇସ୍କୁଲ, କନକ ମଞ୍ଜରୀ ବାଳିକା ବିଦ୍ୟାଳୟ ଖଲ୍ଲିକୋଟ ପ୍ରମୁଖ ସ୍କୁଲର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଆଦର୍ଶ ବିଦ୍ୟାଳୟର ରୁଦ୍ରପ୍ରତାପ ବେହେରା ପ୍ରଥମ ସ୍ଥାନ, କନକ ମଞ୍ଜରୀ ବିଦ୍ୟାଳୟର ଉର୍ମିଳା ସାହୁ ଦ୍ୱିତୀୟ, ଉଦୟ ନାଥ ବିଦ୍ୟାପୀଠର ଲିପ୍‌ସା ରଥ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପର୍ଯ୍ୟବେକ୍ଷକ ଭାବେ କେଶପୁର କଲେଜ କେମିଷ୍ଟ୍ରି ଅଧ୍ୟାପକ ବୈଷ୍ଣବ ପରିଡ଼ା, ଅଧ୍ୟାପକ ସାରଦା କାନ୍ତ ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶ୍ୟାମ ସୁନ୍ଦର ଗୋଛି ବିକ୍ରମପୁର ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନାଏବ ସରପଞ୍ଚ, ୱାର୍ଡ ମେମ୍ବର ସଂଘର ଶୋଭାଯାତ୍ରା

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



ଶୋଭାଯାତ୍ରାରେ ସାମିଲ ହୋଇଥିବା ୱାର୍ଡ଼ ସଭ୍ୟାସଭ୍ୟ ଏବଂ ନାଏବ ସରପଞ୍ଚମାନେ।

ଦାରିଙ୍ଗବାଡ଼ି,୭।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତର ନାଏବ ସରପଞ୍ଚ ଓ ୱାର୍ଡ଼ ମେମ୍ବର ସଂଘ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ଶୋଭାଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାରିଙ୍ଗବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣରେ ସଂଘର ସଭାପତି ଯଶୋବନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଥିଲା । ଗତ ୨୪ ତାରିଖରେ ବ୍ଲକସ୍ତରରେ ପ୍ରଥମ ଥରପାଇଁ ଗଠିତ ଏହି ସଂଘର କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯିବା ସହ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ବୈଠକରେ କୁହାଯାଇଥିଲା । ପରେ ବୈଠକର ନିଷ୍ପତ୍ତି ଅନୁଯାୟୀ ସଂଘର ଦାବି ଗୁଡ଼ିକ ସରକାରଙ୍କ ନିକଟକୁ ପଠାଯିବାକୁ ସ୍ଥିର କରାଯାଇଥିଲା । ୱାର୍ଡ଼ ସଭ୍ୟାସଭ୍ୟ ମାନଙ୍କ ମାସିକ ବୈଠକ ଭତ୍ତା ୧ ହଜାର ଟଙ୍କା କରିବା, ମାସିକ ବେତନ ୧୦ ହଜାର ଟଙ୍କା, ଯେ କୌଣସି ଉନ୍ନତମୂଳକ କାର୍ଯ୍ୟ ଗାଁରେ କରାଗଲେ ୱାର୍ଡ଼ମେମ୍ବରମାନଙ୍କ ମତ ନେବା, ବ୍ଲକରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ସମସ୍ତ ଚିଠି ସମ୍ପର୍କରେ ଜଣାଇବା, ୱାର୍ଡ଼ ସଭ୍ୟମାନଙ୍କ ସୁପାରିସ ପ୍ରକାରେ ଉନ୍ନୟନ ବିଲ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନ ବେଳେ ୱାର୍ଡ଼ମେମ୍ବରଙ୍କ ମତ ନେବା ବାଧ୍ୟତାମୂଳକ କରିବାକୁ ଦାବି ଉଲ୍ଲେଖ କରାଯାଇଛି। ବୈଠକରେ ସଂଘ ସଭାପତିଙ୍କ ସମେତ କାର୍ଯ୍ୟକାରୀ ସଭାପତି ମିନୁରା ପ୍ରଧାନ, ସମ୍ପାଦକ ପ୍ରଭାତ ପ୍ରଧାନ, ସହସମ୍ପାଦକ ଅର୍ଜୁନ ମାଝି , ଝୁଲିତା ମାଝି, ଉପସଭାପତି ଗୋଲକ ବିହାରୀ ମଲ୍ଲିକ, ଉର୍ବଶୀ କହଁର, କୋଷାଧକ୍ଷ ରବି ଚନ୍ଦ୍ର ପ୍ରଧାନ, ମୁଖ୍ୟ ଉପଦେଷ୍ଟା କୈଳାଶ ପ୍ରଧାନ, ନିଦୁରା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# ସ୍ୱଚ୍ଛତା ପକ୍ଷ ପାଳିତ


ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ବାଲିଗୁଡ଼ା, ୭।୯(ଡି.ଏନ୍.ଏ.)

ବାଲିଗୁଡ଼ା ପଣସପଡ଼ି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରେଣୁକାବତୀ ସାହାଣୀଙ୍କ ନେତୃତ୍ୱରେ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶୁକ୍ରବାର ହାତଧୁଆ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ନିକଟରୁ ଛାତ୍ରୀଛାତ୍ରମାନେ ବିରାଟ ଶୋଭାଯାତ୍ରାରେ ବାହାରି ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସମଗ୍ର ସାହି ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ସଭାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ସ୍ୱଚ୍ଛତା ପକ୍ଷ ସମ୍ପର୍କରେ ଆଲୋକପାତ କରିଥିଲେ।

## କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ଆର.ଉଦୟଗିରି,୭।୯(ଡି.ଏନ.ଏ.)

ଆର.ଉଦୟଗିରିରେ ଥିବା କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ୫ ଦିନ ହେଲା କଳାବ୍ୟାଜ୍ ପରିଧାନ କରିଛନ୍ତି। ସେମାନଙ୍କ କହିବାନୁଯାୟୀ, ଓୟୁଟି ଦ୍ୱାରା ପରିଚାଳିତ ୩୧ଟି କୃଷି ବିଜ୍ଞାନ କେନ୍ଦ୍ର ମଧ୍ୟରୁ ଆର.ଉଦୟଗିରି ଅନ୍ୟତମ । ତେବେ ସେମାନେ କୃଷି ଭିତ୍ତିକ ବିଭିନ୍ନ କାର୍ଯ୍ୟ ଏବଂ କୃଷକଙ୍କ ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ ବି ସରକାର ତାଙ୍କର ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି । ତେଣୁ ଦାବି ଗୁଡ଼ିକ ମଧ୍ୟରୁ ଚାକିରି ସ୍ଥାୟିତ୍ୱ, ଜାତୀୟ ପେନ୍‌ସନ ଯୋଜନା, ସମାନ କାମକୁ ସମାନ ଦରମା ଓଡ଼ିଶା କର୍ମଚାରୀ ମହାସଂଘ ନେତୃତ୍ୱରେ ଏହି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଚାଲିଛି। ୧୧ ସୁଦ୍ଧା ଦାବିଗୁଡ଼ିକ ପୂରଣ ନ ହେଲେ କର୍ମଚାରୀ ଏବଂ ବୈଜ୍ଞାନିକମାନେ ୩୧ଟି କେନ୍ଦ୍ରରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ବ୍ରହ୍ମପୁର ଅଫିସ, ୭।୯:** ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଲକ୍ଷ୍ମୀନୃସିଂହ ସାହି ନବମ ଲେନ୍‌ର ଶ୍ରୀକୃଷ୍ଣ ମହାରଣା । ଶ୍ରୀକୃଷ୍ଣ ଘରେ ପ୍ଲଗ ନ ଥିବା ମୋବାଇଲ୍ ଚାର୍ଜରକୁ ବୋର୍ଡରେ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡିଯାଇଥିଲେ । ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ବଡବଡାର ଥାନାରେ ନଂ.୨୪/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ କହିଛନ୍ତି ।

### ଯେସୀ ସପ୍ତାହ ଉଦ୍‌ଘାଟିତ



**ବ୍ରହ୍ମପୁର ଅଫିସ୍,୭।୯:** ଜେସିଆଇ କ୍ଲବ ତରଫରୁ ଯେସୀ ସପ୍ତାହ ଶୁକ୍ରବାର ସନ୍ଧ୍ୟାରେ ସୁବୁଦ୍ଧିବେଡ଼ା କଲ୍ୟାଣ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମେୟର୍ କେ.ମାଧବୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସଭାପତି ଜେ. ହରିପ୍ରିୟା, ସମ୍ପାଦକ ଜେ. ସୁକନ୍ୟା, ଜେ. କୁସୁମା, ଜେ. ରୂପା ଗୁପ୍ତା, ଏସ୍. ସ୍ୱପ୍ନା, ଭି.ଲିନା, କେ.ଅଶ୍ୱିନୀ, ସିଏଚ୍ କମଳା, ପି.ସୁପ୍ରିୟା, ପି.ଭାଣି ସେନାପତି ଏବଂ ଉପଦେଷ୍ଟା ହରି ପ୍ରସାଦ ମଲାଣ ଉପସ୍ଥିତ ଥିଲେ । କମଳପାତ୍ର ସମ୍ମାନ ଚଳିତ ବର୍ଷ ପାଇଁ ଦିପ୍ତିଲୀନାଙ୍କୁ ପ୍ରଦାନ କରାଯାଇଥିଲା । ସେହିଭଳି ଭାରୋତ୍ତୋଳକ କେ. ରବି କୁମାରଙ୍କୁ ଶ୍ରେଷ୍ଠ ଯୁବ ପ୍ରତିଭା ଭାବେ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୭।୯:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଜୟକୃଷ୍ଣ ବରାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ବିଭାଗୀୟ ମୁଖ୍ୟ ଦାଶରଥୀ ଭୂୟାଁ, ଅଧାପକ ଡ. ଶାରଦା ପ୍ରସନ୍ନ ରାଉତ, ଡ. ରଜେଶ ସେଠ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନେ କଠୋର ପରିଶ୍ରମ କରି ଗବେଷଣାରେ ରତ ହେବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା। ବିଭାଗର ସମସ୍ତ ଅଧାପିକା ଅଧାପକ ସହଯୋଗ କରିଥିଲେ ।

### ମ୍ୟାକ୍ସ ଇଣ୍ଟେରିୟର୍ ଉଦ୍‌ଘାଟିତ



**ବ୍ରହ୍ମପୁର ଅଫିସ୍,୭।୯:** ଆସିକା ରୋଡ ନାରାୟଣ ପ୍ଲାଜାଠାରେ ମ୍ୟାକ୍ସ ଇଣ୍ଟେରିୟର୍ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କର୍ପୋରେଟର୍ ଅନିଲ ନାୟକ, ପି.ଆଶା ରାଣୀ, ରାଜେଶ ସାହୁ, ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ବିକ୍ରମ ପଣ୍ଡା, ସୁବାସ ମହାରଣା, ଟି.ଗୋପୀ, ପ୍ରମୋଦ ଜେନା, ଶିବ ସାହାଣୀ, ନିରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସତ୍ତ୍ୱାଧିକାରୀ ସନ୍ତୋଷ କୁମାର ପାତ୍ର, ଅବିନାଶ ପାତ୍ର ଓ କାମଲେନ୍ଦୁ ପାତ୍ର ଉପସ୍ଥିତ ରହି ଏହି ସୋ'ରୁମରେ ବିକ୍ରି ପାଇଁ ଥିବା ଘର ସାଜସଜା ଉପକରଣ ଦେଖାଇଥିଲେ।

## ଶିକ୍ଷକ-ସରକାର ଝଗଡ଼ାରେ ଛାତ୍ରୀଛାତ୍ର ହନ୍ତସନ୍ତ

# ୧୮୧ ବିଦ୍ୟାଳୟରେ ପାଠପଢ଼ା ଠପ୍



ବ୍ରହ୍ମପୁର ସହର ଉପକଣ୍ଠ ଝାଡ଼ାଙ୍କୋଲି ଗ୍ରାମର ଯଶୋଦା ଉଚ୍ଚ ବିଦ୍ୟାଳୟର ଫାଟକରେ ତାଲା ପଡ଼ିଛି ।

- ୧୦ରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ନିୟମିତ ରିପୋର୍ଟ ଦେବାକୁ ବିଇଓଙ୍କୁ ନିର୍ଦ୍ଦେଶ
- ଆନ୍ଦୋଳନ କରୁଛନ୍ତି ୧୯୪୨ ଶିକ୍ଷକ କର୍ମଚାରୀ
- ପ୍ରଭାବିତ ହେଉଛନ୍ତି ୩୧୬୪୯ ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ,୭।୯**

ପୂର୍ଣ୍ଣ ଅନୁଦାନ ଏବଂ ଅନ୍ୟାନ୍ୟ ଦାବି ନେଇ ୧୬ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀ। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଡାକରାରେ ଭୁବନେଶ୍ୱରଠାରେ ଚାଲିଛି ଆନ୍ଦୋଳନ। ପାଠ ପଢ଼ାଇବା ଛାଡ଼ି ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି, ଯଦ୍ୱାରା ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଠପ ହୋଇଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି । ଏଥିପ୍ରତି ନା ସରକାର, ନା ଆନ୍ଦୋଳନକାରୀ କାହାରି ଚିନ୍ତା ନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଇଛି ମିଳିତ ମଞ୍ଚ । ଅନ୍ୟପଟେ ସରକାର ଏବଂ ଶିକ୍ଷକଙ୍କ ଏହି ଲଢ଼େଇକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ ।

ଗଞ୍ଜାମ ଜିଲାରେ ୧୮୧ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ରହିଛି। ଏଥିରୁ ୫୪ ବିଦ୍ୟାଳୟରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀ ରହିଥିବା ବେଳେ ଅନ୍ୟଗୁଡ଼ିକରେ କେବଳ ନବମ ଏବଂ ଦଶମ ଶ୍ରେଣୀ ରହିଛି । ଜିଲାରେ ଥିବା ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ମୋଟ ୩୧,୬୪୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଶିକ୍ଷକ ଏବଂ କର୍ମଚାରୀଙ୍କୁ ମିଶାଇ ମୋଟ ୧,୯୪୨ଜଣ କାର୍ଯ୍ୟ କରୁଛନ୍ତି । ପ୍ରତ୍ୟେକ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ୮ ଶିକ୍ଷକ ଏବଂ ୪ ଅଣଶିକ୍ଷକଙ୍କୁ ମିଶାଇ ମୋଟ ୧୨ଜଣଙ୍କୁ ନିଯୁକ୍ତି ମିଳିଥାଏ । ସେଥିରେ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ୨ଜଣ କଳା ଏବଂ ଜଣେ ଲେଖାଏଁ ଗଣିତ, ଜୀବନ ବିଜ୍ଞାନ, ହିନ୍ଦୀ, ସଂସ୍କୃତ ଓ ଖେଳ ଶିକ୍ଷକ ରହିଥାନ୍ତି। ସେହିପରି ୪ ଅଣଶିକ୍ଷକ ହେଲେ କ୍ଲର୍କ, ପିଅନ, ବିଜ୍ଞାନ ଆଟେଣ୍ଡାଣ୍ଟ ଏବଂ ଜଣେ ରାତି ଜଗୁଆଳି । ଦୀର୍ଘବର୍ଷ ହେଲା ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀମାନେ ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସରକାଳୀନ ସୁବିଧା ସୁଯୋଗ ଏବଂ ଅନ୍ୟାନ୍ୟ କେତେକ ଦାବିକୁ ନେଇ ଆନ୍ଦୋଳନ କରୁଛନ୍ତି । ପ୍ରତ୍ୟେକ ଥର ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ଆନ୍ଦୋଳନ ଭଣ୍ଡୁର କରୁଛନ୍ତି । ଚଳିତ ଥର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମିଳିତ ମଞ୍ଚ ଚେତାବନୀ ଦେଇଛି । ଅନ୍ୟପଟେ ଶିକ୍ଷକ ଏବଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ବନ୍ଦ ରହିଛି । ଅନେକ ବିଦ୍ୟାଳୟର ଅଧାରୁ ଅଧିକ ଶିକ୍ଷକ ଆନ୍ଦୋଳନରେ ଯୋଗଦେବା ପାଇଁ ଭୁବନେଶ୍ୱର ଯାଇଛନ୍ତି । ମାତ୍ର ୨/୩ ଶିକ୍ଷକ ବିଦ୍ୟାଳୟକୁ ଆସୁଥିଲେ ମଧ୍ୟ ଅଳ୍ପ ସମୟ ରହିବା ପରେ ତାଲା ପକାଇ ଚାଲିଯାଉଛନ୍ତି । ପାଠପଢ଼ା ହେଉ ନ ଥିବାରୁ ଛାତ୍ରୀଛାତ୍ର ଘରେ ରହୁଛନ୍ତି । ଆର୍ଥିକ ସ୍ୱଚ୍ଛଳ ଥିବା ଅଭିଭାବକମାନେ ସେମାନଙ୍କ ନିଜ ପିଲାଙ୍କୁ ଘରୋଇ ଟ୍ୟୁଶନ୍‌କୁ ପଠାଉଛନ୍ତି । ଆର୍ଥିକ ଅଭାବରେ ଥିବା ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ପିଲାଙ୍କ ଉପରେ ପଢ଼ା ଚାପ ପଡ଼ିବା ସମ୍ଭାବନା ରହିଛି । ଆଗକୁ ବିଭିନ୍ନ ପରୀକ୍ଷା ଅଛି। ବିଦ୍ୟାଳୟ ଖୋଲିବା ପରେ ପାଠ୍ୟଖସଡ଼ା ସାରିବାକୁ କମ୍ ଦିନ ମିଳିବ । ଯାହାକୁ ନେଇ ଚିନ୍ତାରେ ଅଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ ।

ମିଳିତ ମଞ୍ଚର ରାଜ୍ୟ ଷ୍ଟିୟରିଂ କମିଟି ସଦସ୍ୟ ପ୍ରଶାନ୍ତ ପତି ଏବଂ ଯୁଧିଷ୍ଠିର ପାଢ଼ୀ, ଗଞ୍ଜାମ ଜିଲା ଆବାହକ ବିଜୟ ବେହେରା ଏବଂ ଓଷ୍ଟାର ଜିଲା ସଭାପତି ହିମାଂଶୁ ପଟ୍ଟନାୟକଙ୍କ କହିବାନୁଯାୟୀ, ସରକାର ଦାବି ପୂରଣ ନ କରିବା ଯାଏଁ ଆନ୍ଦୋଳନ ଚାଲିବ। ଆସନ୍ତା ୧୦ରୁ ୧୬ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ତା' ପରେ ପଞ୍ଚାୟତସ୍ତରରେ ପଥପ୍ରାନ୍ତ ସଭା ଆୟୋଜନ କରି ଅଭିଭାବକଙ୍କୁ ଆନ୍ଦୋଳନ ଏବଂ ଦାବି ସଂପର୍କରେ ଅବଗତ କରାଯିବ ବୋଲି ସେମାନେ କହିଛନ୍ତି ।

ଅନ୍ୟପକ୍ଷରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା କେତୋଟି ବିଦ୍ୟାଳୟ ବନ୍ଦ ରହିଛି, ତାହାର ତଥ୍ୟ ସଂଗ୍ରହ କରାଯାଉଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ମାନଙ୍କୁ ଏ ନେଇ ରିପୋର୍ଟ ମଗାଯାଇଛି। ଏଥି ସହ ନିୟମିତ କେତୋଟି ବିଦ୍ୟାଳୟ ବନ୍ଦ ରହୁଛି ଏବଂ କେତୋଟି ଖୋଲା ରହୁଛି, ଆନ୍ଦୋଳନର ପ୍ରଭାବ କ'ଣ ପଡୁଛି, ସେ ସମ୍ପର୍କରେ ମଧ୍ୟ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି ।

### ଘରୋଇ ନର୍ସିଂହୋମ୍‌ରେ ଅଗ୍ନିକାଣ୍ଡ



**ବ୍ରହ୍ମପୁର ଅଫିସ, ୭।୯**

ବ୍ରହ୍ମପୁର ଖାଜା ସାହିସ୍ଥିତ ଏକ ଘରୋଇ ନର୍ସିଂ ହୋମରେ ଶୁକ୍ରବାର ସକାଳେ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ବିଶେଷ କ୍ଷତି ହୋଇ ନ ଥିଲେ ମଧ୍ୟ ଅଳ୍ପକେ ବହୁ ଧନ ଜୀବନ ବର୍ତ୍ତିଯାଇଥିବା ଦେଖାଯାଇଥିଲା । ସୂଚନା ଅନୁଯାୟୀ, ଖାଜା ସାହିରେ ଥିବା ଡାକ୍ତର ଜେ.ସୋମେଶ୍ୱର ରାଓଙ୍କ ନର୍ସିଂ ହୋମରେ ସକାଳୁ ଧୂଆଁ ବାହାରିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗର ସହକାରୀ ଫାୟର ଅଫିସର ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଜିତେନ୍ଦ୍ର ପ୍ରଧାନ, ଦେବବ୍ରତ ନାୟକ, ବିନୋଦ ବେହେରା ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ନର୍ସିଂ ହୋମରେ ଥିବା ଏକ ରେଫ୍ରିଜରେଟରରୁ ବିଦ୍ୟୁତ୍ ଶର୍ଟ ସର୍କିଟ୍ ହୋଇ ନିଆଁ ଲାଗିଥିବା ଫାୟର ଅଫିସର କହିଛନ୍ତି । ନିଆଁ ବ୍ୟାପିଥିଲେ ବଡ ଧରଣର କ୍ଷତି ଘଟିଥାନ୍ତା। ଠିକ୍ ସମୟରେ ଅଗ୍ନିଶମ ବିଭାଗ ପହଞ୍ଚି ଆସନ୍ନ ବିପଦକୁ ଏଡାଇ ପାରିଥିବାରୁ ସାଧାରଣରେ ସାଧୁବାଦ ଦିଆଯାଇଛି ।



ଆସୁଛନ୍ତି ଗଜାନନ: ବ୍ରହ୍ମପୁର ସହରରେ ଜଣେ ଶିଳ୍ପୀ ଗଣେଶ ମୂର୍ତ୍ତିରେ ଶେଷ ସ୍ୱର୍ଶ ଦେଉଛନ୍ତି। (ଫଟୋ-ସମୀର)

## ୫ ଲକ୍ଷ ଟଙ୍କା ଲୁଟ୍ ମାମଲାର ପର୍ଦ୍ଦାଫାଶ

### ଜଣେ ଗିରଫ: ୧ଲକ୍ଷ ୮୦ ହଜାର ଟଙ୍କା, ବାଇକ୍ ଜବତ

**ବ୍ରହ୍ମପୁର ଅଫିସ, ୭।୯**



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଗୋଷାଣୀ ନୂଆଗାଁ ଥାନା ପୋଲିସ ଗତ ୯ ତାରିଖରେ ହୋଇଥିବା ୫ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧ ଲକ୍ଷ ୮୦ ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ଆସିକା ଥାନା ଠେଙ୍ଗାପଲ୍ଲୀ ଅଞ୍ଚଳର ଏ.ନବୀନ। ଟଙ୍କା ଲୁଟ ନେଇ ଥାନାରେ ଏତଲା ହେବା ପରେ ପୋଲିସ ନଂ. ୮୮/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଗୁରୁବାର ନବୀନଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏହି ମାମଲାରେ ଫେରାର୍ ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଗୋଷାଣୀନୂଆଗାଁ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ପ୍ରଭାତ ରାଉତରାୟ ଏବଂ ଆଇଆଇସି କୁଳମଣୀ ସେଠୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଠିକାଦାର ସୀମାଞ୍ଚଳ ପାତ୍ରଙ୍କ ନିକଟରେ କାମ କରୁଥିବା ବ୍ରହ୍ମପୁର ଆଙ୍କୁଲି ଅଞ୍ଚଳର ଜଗଦୀଶ ପାତ୍ର ଗତ ୯ ତାରିଖରେ ଗୋଷାଣୀ ନୂଆଗାଁସ୍ଥିତ ଆନ୍ଧ୍ର ବ୍ୟାଙ୍କରୁ ସେଲ୍ଫ ଚେକ୍ ନେଇ ୫ ଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କାକୁ ଏକ ବ୍ୟାଗ୍‌ରେ ରଖି ବାଇକରେ ବିଜିପୁର ସନ୍ତୋଷୀ ମା' ମନ୍ଦିର ଦେଇ ଯାଉଥିଲେ। ଏକ ପଲସର୍ ବାଇକରେ ୨ ଜଣ ତାଙ୍କ ପିଛା କରି ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିଲେ। ଜଗଦୀଶ ଉକ୍ତ ଟଙ୍କା ଶ୍ରମିକମାନଙ୍କୁ ଦେବା ପାଇଁ ନେଉଥିଲେ। ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଆଖପାଖର ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିଲା। ଗୁରୁବାର ପୁଣି ଥରେ ସେହି ଆନ୍ଧ୍ର ବ୍ୟାଙ୍କ ନିକଟରେ ଅଭିଯୁକ୍ତମାନେ ଲୁଟ କରିବାକୁ ଯୋଜନା କରୁଥିବା ସୂଚନା ପାଇ ପୋଲିସ ସେଠାରେ ଚମାଉ କରି ନବୀନଙ୍କୁ କାବୁ କରିଥିଲା। ନବୀନ ଲୁଟ ଟଙ୍କା ଲୁଟ କରିଥିବା ଜେରା ବେଳେ ସ୍ୱୀକାର କରିଥିଲେ। ଆସିକା ଅଞ୍ଚଳର ଅନ୍ୟ ଜଣେ ଏଥିରେ ସମ୍ପୃକ୍ତ ଥିବା ସେ କହିଥିଲେ। ଲୁଟ ୫ ଲକ୍ଷ ଟଙ୍କା ଉଭୟେ ଭାଗ ବାଣ୍ଟି ନେଇଥିଲେ। ନବୀନ ତାଙ୍କ ଭାଗ ଟଙ୍କା ଠେଙ୍ଗାପଲ୍ଲୀସ୍ଥିତ ଘରେ ରଖିଥିବା କହିଥିଲେ । ପରେ ପୋଲିସ ସେଠାରେ ଚଡ଼ାଉ କରି ୧ଲକ୍ଷ ୮୦ ହଜାର ଟଙ୍କା ଓ ଏକ ବାଇକ୍ ଜବତ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

## କଂଗ୍ରେସର ଗଞ୍ଜାମ ବନ୍ଦ ପାଳନ ୧୦ରେ

**ବ୍ରହ୍ମପୁର ଅଫିସ,୭।୯**

ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ଡ଼ାକରାରେ ଆସନ୍ତା ୧୦ ତାରିଖରେ ଗଞ୍ଜାମ ଜିଲା ବନ୍ଦ ପାଳନ କରାଯିବ । ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ହୁ ହୁ ବଢ଼ି ଚାଲିଛି ଓ ଏହାକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାରଙ୍କ ବିଫଳତା ପ୍ରତିବାଦରେ ଏହା କରାଯିବା ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ଶୃଙ୍ଖଳା ଓ କୋର କମିଟିର ସଦସ୍ୟ ନିରଞ୍ଜନ ପାଣିଗ୍ରାହୀ ଶୁକ୍ରବାର ଏଠାରେ ସୂଚାଇଛନ୍ତି । ଉକ୍ତ ଦିନ ଜିଲାର ସମସ୍ତ ସ୍କୁଲ କଲେଜ, କୋର୍ଟ, ବ୍ୟାଙ୍କ, ସରକାରୀ ଓ ବେସରକାରୀ ଅଫିସ, ଦୋକାନ ବଜାର, ପେଟ୍ରୋଲ ପମ୍ପ ଏବଂ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ପାଣିଗ୍ରାହୀ ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛନ୍ତି । ବନ୍ଦ ପାଳନକୁ ସଫଳ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ସହଯୋଗ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ବ୍ରହ୍ମପୁରରେ ତୈଳ ଦର ବୃଦ୍ଧିର ପ୍ରତିବାଦ

# ପେଟ୍ରୋଲ ପମ୍ପ ଆଗରେ ବିଜେଡିର ଆନ୍ଦୋଳନ

**ବ୍ରହ୍ମପୁର ଅଫିସ,୭।୯**

ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ପ୍ରତିବାଦରେ ଯୁବ, ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ଶୁକ୍ରବାର ବ୍ରହ୍ମପୁରର ସମସ୍ତ ପେଟ୍ରୋଲ ପମ୍ପ ଆଗରେ ଦୁଇ ଘଣ୍ଟିଆ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବର୍ଦ୍ଧିତ ମୂଲ୍ୟ ନିୟନ୍ତ୍ରଣରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ସମାଲୋଚନା କରାଯାଇଥିଲା। ଆନ୍ଦୋଳନ ସ୍ଥଳରେ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରାଯିବା ସହ ତୁରନ୍ତ ଦର କମାଇବାକୁ ଦାବି ହୋଇଥିଲା । ଟାଉନ ହଲ ଛକସ୍ଥିତ ସହରର ସର୍ବ ପୁରାତନ ପେଟ୍ରୋଲ ପମ୍ପ ଆଗରେ ହୋଇଥିବା ମହିଳା ବିଜେଡିର ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏହାର ଗଞ୍ଜାମ ଜିଲା ସଭାନେତ୍ରୀ ଆଡଭୋକେଟ ସଂଘମିତ୍ରା ଦଳାଇ। ରାଜ୍ୟ ସଂଗଠନର ଉପସଭାନେତ୍ରୀ ମମତା ବିଶୋୟୀ, ଗଞ୍ଜାମ ଜିଲା ପରିଷଦ ଉପସଭାନେତ୍ରୀ ସ୍ନେହଲତା ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ମହିଳା କର୍ମୀ ଯୋଗ ଦେଇଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଭଗବାନ ଗନ୍ତାୟତ ଓ ଅନ୍ୟମାନେ ସାମିଲ ହୋଇଥିଲେ । ଭୀମସେନ ଦଳାଇ, ବିଭୂତି ଭୂଷଣ ପାଢ଼ୀ, ବିରାଜ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ କାରଗିଲ ପମ୍ପ ଆଗରେ ବିକ୍ଷୋଭ ସହ ଗଣଧାରଣା ଦିଆଯାଇଥିଲା । ଯୁବ ସଂଗଠନ ସଭାପତି ଧନଞ୍ଜୟ ରାଓ, ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ମହାନଗର ଯୁବ ବିଜେଡି ସଭାପତି ମୁକୁନ୍ଦ ଗୌଡ଼, ଜଗଦୀଶ ସାବତଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ । ଆସିକା ରୋଡରେ ହୋଇଥିବା ଆନ୍ଦୋଳନରେ ପି. ଆଶାରାଣୀଙ୍କ ସମେତ ଅନେକ ବିଏମସି କର୍ପୋରେଟର ଯୋଗ ଦେଇଥିଲେ । ଲକ୍ଷ୍ମୀପ୍ରିୟା ପାଢ଼ୀ ଓ ଅନ୍ୟମାନେ ବିଭିନ୍ନ ପମ୍ପ ଆଗରେ ଆନ୍ଦୋଳନ କରିଥିଲେ । ନୂଆ ବସଷ୍ଟାଣ୍ଡ, ଫାଷ୍ଟଗେଟ ଆଦିରେ ଥିବା ପମ୍ପ ଗୁଡ଼ିକ ଆଗରେ ଅନୁରୂପ ଆନ୍ଦୋଳନ ହୋଇଥିଲା ।

ବିଏମସି ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକଙ୍କ ନେତୃତ୍ୱରେ ଖୋଡ଼ାସିଙ୍ଗିସ୍ଥ ପେଟ୍ରୋଲ ପମ୍ପ ଆଗରେ ଆନ୍ଦୋଳନ ଜୋରଦାର ହୋଇଥିଲା । ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକ, ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ଅନିଲ ସାହୁ, କର୍ପୋରେଟର ମିନତି ବିଷୋୟୀ, ଗୋପାଳ ରେଡ୍ଡୀ, ସି.ଏଚ. ଗଙ୍ଗାଧର ପାତ୍ର, ଶାନ୍ତି ଦେବୀ, ରଶ୍ମିତା ପାତ୍ରଙ୍କ ସମେତ ଆଙ୍କୁଲି ଶିଳ୍ପାଞ୍ଚଳର ଶତାଧିକ ବିଜେଡି କର୍ମୀ ଗଣଧାରଣା ଦେଇଥିଲେ। ସବୁଠି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଥିଲା ଏବଂ ପମ୍ପ ଗୁଡ଼ିକରେ ବ୍ୟବସାୟ ସ୍ୱାଭାବିକ ହୋଇଥିଲା। ମହାନଗର ବିଜେଡିର ସଭାପତି ଓ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ ।



ବ୍ରହ୍ମପୁର ସହରସ୍ଥିତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

## ମୁକ୍ତିଧାମ ରଥ ଲୋକାର୍ପିତ



ମୁକ୍ତିଧାମ ରଥ ଲୋକାର୍ପଣ ବେଳେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୭।୯**

କଳିଙ୍ଗ ବୈଶ୍ୟ ସମାଜ ମହୁରୀ ଅଞ୍ଚଳ ପକ୍ଷରୁ ଦ୍ୱିତୀୟ ମୁକ୍ତିଧାମ ରଥ ଶୁକ୍ରବାର ଲୋକାର୍ପିତ ହୋଇଛି । ଖାସ୍ବାସାହିସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ସଂଘର ସଭାପତି ଏସ. ଚନ୍ଦ୍ର ଶେଖର ଏହି ରଥକୁ ଲୋକାର୍ପିତ କରିଥିଲେ। ସଂଘ ଉପସଭାପତି ଏ. ରାଜେନ୍ଦ୍ର ପ୍ରସାଦ, ସମ୍ପାଦକ ଏସ. ଶିବ ପ୍ରସାଦ, କୋଷାଧ୍ୟକ୍ଷ ଜେ. ରାମଚନ୍ଦ୍ର ରାଓ, କନ୍ୟକାପରମେଶ୍ୱରୀ ମନ୍ଦିର ଟ୍ରଷ୍ଟି ଜେ. ଶ୍ରୀନିବାସ ରାଓ, କଳିଙ୍ଗ ବୈଶ୍ୟ ମହିଳା ସଂଘ ସଭାନେତ୍ରୀ ଜେ. ସୁଷମା ରାଣୀ, ପୂର୍ବତନ ସଭାପତି ଜେ. ଶଙ୍କର ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରେଜେକ୍ଟ ଇନଚାର୍ଜ ପି. ଭେଙ୍କଟ ରମଣ, କଳିଙ୍ଗ ଯୁବକ ସଂଘ ସଭାପତି ବି. ଶ୍ରୀନିବାସ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ୭ ବର୍ଷ ପୂର୍ବେ ସଂଘ ପକ୍ଷରୁ ମୃତଦେହ ଶ୍ମଶାନକୁ ନେବା ପାଇଁ ପ୍ରଥମ ମହାପ୍ରୟାଣ ଭ୍ୟାନ ତଥା ମୁକ୍ତିଧାମ ରଥ ଆରମ୍ଭ କରାଯାଇଥିଲା। ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ରଥ ଉତ୍ସର୍ଗ କରାଯାଇଛି । ଏହି ରଥ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ଯେକୌଣସି ସ୍ଥାନରୁ ପୁରୀ ସ୍ୱର୍ଗଦ୍ୱାରକୁ ମୃତଦେହକୁ ନେଇପାରିବ। ଏଥିସହ ଉକ୍ତ ରଥରେ ଯାତ୍ରା କରିଥିବା ମୃତକଙ୍କ ପରିବାରର ୫ ଜଣଙ୍କ ପାଇଁ ସଂଘ ପକ୍ଷରୁ ଜୀବନବୀମା ବ୍ୟବସ୍ଥା କରାଯାଇଥିବା ସଭାପତି ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଶନିବାର, ସେପ୍ଟେମ୍ବର ୮/୨୦୧୮ | Berhampur, Saturday, September, 8/ 2018

## ସଂକ୍ଷେପରେ

### ପିକ୍ଅପ୍-ବୁଲେଟ ଧକ୍କା, ୧ ମୃତ, ଜଣେ ଆହତ

ପୋଲସରା,୭।୯(ଡି.ଏନ.ଏ.)-ପୋଲସରା ଥାନା ସୋଡ଼କ ଓ କଣ୍ଟେଇକୋଳିଆ ମଝି ରାସ୍ତାରେ ଏକ ପିକଅପ୍ ଭ୍ୟାନ ସହ ବୁଲେଟ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଆସିକା ଥାନା ଅଞ୍ଚଳ ବାଲିସିରା ଗ୍ରାମର ମିଥୁନ ସାହୁ , ଆହତ ସାପୁଆପଲ୍ଲୀର ସୁବାସ ଚନ୍ଦ୍ର ବିଶୋୟୀ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମିଥୁନ ଶ୍ୱଶୁର ଘର ପଙ୍କଲବାଡ଼ିରୁ ଫେରିବା ବାଟରେ କଣ୍ଟେଇକୋଳିଆ ନିକଟରେ ବିପରୀତ ଦିଗରୁ ଆସୁଥିବା ପିକଅପ୍ ଭ୍ୟାନ (ନଂ ଓଡି୦୭କେ୮୬୪୭) ସହ ଧକ୍କା ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ମିଥୁନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

### ୫ ପଥର ବୋଝେଇ ହାଇୱା ଜବତ

ଦିଗପହଣ୍ଡି,୭।୯(ଡି.ଏନ.ଏ.)-ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ଶୁକ୍ରବାର ୫ଟି ପଥର ବୋଝେଇ ହାଇୱା ଟ୍ରକ ଜବତ କରିଛି। ଚୁଡୁଙ୍ଗପୁର ତିତିଖଣ୍ଡି ଗ୍ରାମ ପାହାଡ଼ରୁ ବେଆଇନ ଭାବେ ପଥର ଚୋରାଚାଲାଣ କରାଯାଉଥିବା ଖବର ପାଇ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁ, ଫକୀର ମୋହନ ରାଉତ ଏବଂ ରାଜସ୍ୱ କର୍ମଚାରୀମାନେ ପୁଞ୍ଜୀକର୍ୟାଁ ଚାରିଛକ ମେଡିକାଲ ଛକ ନିକଟରୁ ପଥର ବୋଝେଇ ଟ୍ରକ ଗୁଡ଼ିକୁ ଜବତ କରିଥିଲେ। ପଥର ଚାଲାଣ ପାଇଁ ରାଜସ୍ୱ ବିଭାଗ ଅନୁମତି ପତ୍ର ୱାଇଫର୍ମ ନଥିବା କାରଣରୁ ଟ୍ରକ ପ୍ରତି ୩୦ ହଜାର ଟଙ୍କା ଲେଖାଏ ସମୁଦାୟ ୧ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି।

### ସୁମଣ୍ଡଳ ସେବା ସମବାୟ ସମ୍ପାଦକ ନିଲମ୍ବିତ

ବେଗୁନିଆପଡ଼ା,୭।୯(ଡି.ଏନ.ଏ.)-ବ୍ରହ୍ମପୁର ସେବା ସମବାୟ ବ୍ୟାଙ୍କ ଅଧିନସ୍ଥ ବେଗୁନିଆପଡ଼ା ବ୍ଲକର ସୁମଣ୍ଡଳ ସେବା ସମବାୟର ସମ୍ପାଦକ ମଳୟ କୁମାର ରାଉତ ନିଲମ୍ବିତ ହୋଇଛନ୍ତି। ପରିଚାଳନା କମିଟି ବୈଠକ ନ କରିବା, ସ୍ଥାୟୀ କାର୍ଯ୍ୟାଳୟ ନଥିଲେ ବି ଭଡ଼ା ସୂତ୍ରରେ କାର୍ଯ୍ୟାଳୟ ନ ଖୋଲିବା, ମନମୁଖୀ କାର୍ଯ୍ୟ କରିବା ଆଦି ଅଭିଯୋଗ ପରେ ତଦନ୍ତ କରାଯାଇ ତାଙ୍କୁ ନିଲମ୍ବନ କରାଯାଇଥିବା ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋପରେଟିଭ୍ ସୋସାଇଟି (ଏଆରସିଏସ) ଆର. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି।

### ଭାଜପାର କର୍ମୀ ସମ୍ମିଳନୀ

ପାତ୍ରପୁର,୭।୯(ଡି.ଏନ୍.ଏ): ପାତ୍ରପୁର ବ୍ଲକର ଖରଣିପଡ଼ାରେ ଭାଜପା ଦଳ ପକ୍ଷରୁ ଶୁକ୍ରବାର କର୍ମୀ ସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି । ଉଦୟ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଶିଶିର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନାରୀ ନେତ୍ରୀ ମନୋରମା ପ୍ରଧାନ, ଯୁବନେତା ଶଙ୍କର ପ୍ରସାଦ ପ୍ରଧାନ ଓ ଚିକିଟି ନିର୍ବାଚନ ମଣ୍ଡଳୀ ପ୍ରଭାରି ଗଙ୍ଗାଧର ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଚିକିଟି ମାଟିରେ ଉଷାଦେବୀଙ୍କୁ ହଟାଇ ଭାଜପା ନେତୃତ୍ୱକୁ ଗୁରୁତ୍ୱ ଦେଇ କାମ କରିବା, ବୁଥ କମିଟି ବିଷୟରେ ଉପସ୍ଥିତ ନେତା ମାନେ କହିଥିଲେ । ଜରଡ଼ା, ପିତାତଳି, ନୂଆପଡ଼ା, ସୁରଙ୍ଗି, ସୁରଳ ଏହି ମଣ୍ଡଳ ଗୁଡ଼ିକର ସଭାପତି ମାନେ ପହଞ୍ଚିଥିଲେ ହେଁ ଯୁବ ମୋର୍ଚ୍ଚା ସଭାପତି କିଏ ପହଞ୍ଚି ନଥିବାରୁ ଚିକିଟି ପ୍ରଭାରୀ ଗଙ୍ଗାଧର ଶତପଥି କ୍ଷୁବ୍ଧ ହୋଇଥିଲେ । ଆମେ ସମସ୍ତେ ଏକ ହୋଇ ଲଢିବା ପାଇଁ ରେଡ଼ିକୁଲ ନେତା ଇଶ୍ୱରୁ ଆପନ୍ନା ରେଡ୍ଡୀ କର୍ମୀଙ୍କୁ କହିଥିଲେ । ବୈଠକରେ ୭ ଶହରୁ ଊର୍ଦ୍ଧ୍ୱକର୍ମୀ ଉପସ୍ଥିତ ଥିଲେ ।

### ବାଇକରୁ ଖସି ଯୁବକ ଗୁରୁତର

ଦିଗପହଣ୍ଡି,୭।୯(ଡି.ଏନ.ଏ.)-ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ ରାସ୍ତାର ନିମପଲ୍ଲୀ ନିକଟରେ ଶୁକ୍ରବାର ବାଇକରୁ ଖସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଦିଗପହଣ୍ଡି ସାନବ୍ରାହ୍ମଣ ସାହିର ସତ୍ୟ ନାରାୟଣ ପଣ୍ଡା। ତାଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ମାଲେସିଆରେ ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲାପାଳଙ୍କୁ ଗୁହାରି

- ଫସି ରହିଛନ୍ତି ଗଞ୍ଜାମ ଅଞ୍ଚଳର ୨ ଶ୍ରମିକ
- ଫେରିବାକୁ ଭିଜା ନାହିଁ
- ପୋଲିସ ଭୟରେ ଘରୁ ବାହାରୁ ନାହାନ୍ତି

ଗଞ୍ଜାମ,୭।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକର ୨ଜଣ ଶ୍ରମିକ ଜଣେ ଦଲାଲଙ୍କ ସହ ମାଲେସିଆ କାମ କରିବାକୁ ଯାଇ ନିର୍ଯାତିତ ହେଉଥିବା ଓ ତାଙ୍କୁ ତୁରନ୍ତ ଫେରାଇ ଆଣିବାକୁ ପରିବାର ଲୋକେ ଶୁକ୍ରବାର ଜିଲାପାଳଙ୍କୁ ଗୁହାରି କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ଷ୍ଟେନୋଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଫସି ରହିଥିବା ଶ୍ରମିକମାନେ ହେଲେ ଶ୍ରୀବଣା ଗ୍ରାମର ଏମ. ପୁରୋସ୍ତମଙ୍କ ପୁଅ ଗଣେଶ (୩୫) ଓ ବରୋଦା ଗ୍ରାମର ମୋହନ ପ୍ରଧାନଙ୍କ ପୁଅ ରଙ୍କନିଧି (୩୮)।

ପ୍ରକାଶ ଯେ, ମଲାଡ ପଞ୍ଚାୟତ ଶ୍ରୀବଣା ଗ୍ରାମର ୬ଜଣ ଓ ବରୋଦା ଗ୍ରାମର ଜଣେ ଓ ଅନ୍ୟ ଅଞ୍ଚଳର ଜଣଙ୍କୁ କାମ କରିବାକୁ ସୋରଡା ଗ୍ରାମର ବିକୁ ବିଶୋଇ ଗତ ୨୬ ସେପ୍ଟେମ୍ବର ୨୦୧୭ରେ ମାଲେସିଆ ନେଇଥିଲେ। ସେଠାରେ ଏକ କମ୍ପାନୀରେ ୯ ମାସ କାମ କଲା ପରେ ୫ଜଣ କୌଣସିମତେ ସେଠାରୁ ନିଜ ଘରକୁ ପଳାଇ ଆସିଥିଲେ। ମାତ୍ର ଗଣେଶ ଓ ରଙ୍କନିଧିଙ୍କର ଭିଜା ନ ଥିବାରୁ ସେମାନେ ଫସି ରହିଥିଲେ। କମ୍ପାନୀରେ ଏବେ ଭିଜା ଓ ପାସ୍‌ପୋର୍ଟ ଯାଞ୍ଚ ଚାଲିଛି। ଭିଜା ଓ ପାସ୍‌ପୋର୍ଟ ନ ଥିବା ବ୍ୟକ୍ତିଙ୍କୁ ସେଠିକାର ପୋଲିସ ଗିରଫ କରୁଥିବା ଜଣାପଡିଛି। ଯାହାକୁ ନେଇ ୨ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ସମ୍ପୃକ୍ତ ପରିବାର ସରପଞ୍ଚ ପ୍ରଭାତ କୁମାର ସେଠୀଙ୍କୁ ଜଣାଇବା ପରେ ସରପଞ୍ଚ ଉଭୟ ପରିବାର ଲୋକଙ୍କ ସହ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ଲିଖିତ ଭାବେ ଶୁକ୍ରବାର ଅପରାହ୍ନରେ ନିବେଦନ କରିଛନ୍ତି। ଉକ୍ତ ଏଜେଣ୍ଟ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇ ସେଠାରେ ନିର୍ଯାତନା ଦେଉଥିବା ଓ ଗିରଫ ଭୟରେ ସେମାନେ କ୍ୱାର୍ଟରରୁ ବାହାରକୁ ବାହାରୁ ନ ଥିବା ଦାବିପତ୍ରରେ ଦର୍ଶାଯାଇଛି। ଏଣୁ ସେମାନଙ୍କୁ ଉଦ୍ଧାର ପାଇଁ ଜିଲାପାଳ ହସ୍ତକ୍ଷେପ କରିବାକୁ ସରପଞ୍ଚ ଓ ଉଭୟ ପରିବାର ଆକୁଳ ନିବେଦନ କରିଛନ୍ତି। ଜିଲାପାଳଙ୍କୁ ପ୍ରଦତ୍ତ ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନ, ଜିଲା ଶ୍ରମ ଅଧିକାରୀ ଛତ୍ରପୁରଙ୍କୁ ପ୍ରେରଣ କରାଯାଇଥିବା ଜଣାପଡ଼ିଛି।



କମ୍ପାନୀରେ କାମ କରୁଥିବା ଲୋକଙ୍କ ଭିଜା ଓ ପାସ୍‌ପୋର୍ଟ ଯାଞ୍ଚ ଚାଲିଛି।

# ଲାଞ୍ଚ:ପୋଲିସଏଏସ୍ଆଇଙ୍କୁ ୨ବର୍ଷ ଜେଲଦଣ୍ଡ

କଟକ ଅଫିସ, ୭।୯

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଧୀନ ବେଲଗୁଣ୍ଠା ଆଉଟପୋଷ୍ଟର ପୂର୍ବତନ ଏଏସ୍ଆଇ ଚୈତନ୍ୟ ମଲିକଙ୍କୁ ୨ ବର୍ଷ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ମଲିକଙ୍କ ବିରୋଧରେ ଆଗତ ଏକ ଲାଞ୍ଚ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଏଭଳି ରାୟ ଦେଇଛନ୍ତି। ସୂଚନାଥାଉକି, ଏକ ଜମି ବିବାଦର ସମାଧାନ ପାଇଁ ଭଞ୍ଜନଗର ଥାନା ଅଧୀନ ଇଙ୍ଗିନାଟି ଗ୍ରାମର କାଳୁଚରଣ ସାବତିଙ୍କଠାରୁ ଏଏସ୍ଆଇ ମଲିକ ଅଢେଇ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୭/୨୦୦୮ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଚାର୍ଜଶିଟ ହେବା ପରେ ତାହା କୋର୍ଟଙ୍କ ବିଚାରାଧୀନ ଥିଲା। ଶୁକ୍ରବାର ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଥିଲା। ଗୋଟିଏ ଦଫାରେ ଅଭିଯୁକ୍ତଙ୍କୁ ୧ ବର୍ଷ ସଶ୍ରମ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଉଭୟ ଦଫାର ଜରିମାନା ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଯଥାକ୍ରମେ ୧ ମାସ ଓ ୨ ମାସ ଅଧିକ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ସ୍ୱତନ୍ତ୍ର ପିପି ତପନ କୁମାର ଦାସ ଓ ଅତିରିକ୍ତ ସ୍ୱତନ୍ତ୍ର ପିପି ପି.କେ. ଦୋରା ଭିଜିଲାନ୍ସ ପକ୍ଷରୁ ଏହି ମାମଲା ପରିଚାଳନା କରୁଥିଲେ।

# ହୋଟେଲରୁ ୪ ଶିଶୁ ଶ୍ରମିକ ଉଦ୍ଧାର

ଦାରିଙ୍ଗବାଡ଼ି,୭।୯(ଡି.ଏନ.ଏ)

ଦାରିଙ୍ଗବାଡି ପୋଲିସ ଶୁକ୍ରବାର ଏକ ହୋଟେଲରୁ ୪ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଫୁଲବାଣୀ ଶିଶୁ ସୁରକ୍ଷା କେନ୍ଦ୍ରକୁ ପଠାଯାଛି। ହୋଟେଲ ମାଲିକଙ୍କୁ ଅଧିକା ପଚରାଉଚରା କରାଯାଉଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଦୀର୍ଘଦିନ ହେଲା ଉକ୍ତ ହୋଟେଲରେ ଶିଶୁ ଶ୍ରମିକ କାମ କରୁଥିବା ଅଭିଯୋଗ ପରେ ଆଇଆଇସି ଗରଡ଼ିଆଙ୍କ ସମେତ ଏଏସଆଇ ରଚିତା ମାଡ଼କାମୀ ଏବଂ ଏଏସ୍ଆଇ ଆର.ଭୀମୋରାଓ ରେଡ୍ଡୀ ପ୍ରମୁଖ ଚଢ଼ାଉ କରିଥିଲେ।

# ବଧୂହତ୍ୟା ଅଭିଯୋଗରେ ୬ ଗିରଫ

## ମଶାଣିରୁ ହାଡ଼,ପାଉଁଶ,ଗାମୁଛା ଜବତ

ହିଞ୍ଜିଳିକାଟୁ,୭।୯(ଡି.ଏନ୍.ଏ.)

ହିଞ୍ଜିଳି ଥାନା କଣ୍ଟାଇକୋଳି ଗ୍ରାମରେ ଗୁରୁବାର ରାତିରେ ଜଣେ ବଧୂଙ୍କୁ ଶାଶୁଘର ଲୋକେ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ତରବରିଆ ଭାବେ ମୃତଦେହ ପୋଡି ଦେଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଏନ୍. ଲତା। ତାଙ୍କ ଭାଇଙ୍କ ଅଭିଯୋଗ ପରେ ପୋଲିସ ଶୁକ୍ରବାର ସକାଳେ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଗାଁ ମଶାଣିରୁ ହାଡ, ପାଉଁଶ ଓ ହତ୍ୟାରେ ବ୍ୟବହୃତ ଗାମୁଛା ଜବତ କରିଛି। ଏନେଇ ପୋଲିସ ଲତାଙ୍କ ସ୍ୱାମୀ ଏନ. ଗଣେଶ, ଶାଶୁ ଏନ୍. ଦେବା କୁମାରୀ, ଦେଢଶୁର ଏନ୍. ବାଲରାଜୁଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଶବଦାହ କରିଥିବାରୁ ପ୍ରମାଣନଷ୍ଟ ଅଭିଯୋଗରେ ଗ୍ରାମର ବାବୁ ସେଠି, ସୁଦର୍ଶନ ବେହେରା, ଶ୍ୟାମ ସାହୁଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ କେସ ନଂ.୨୩୧/୧୮ ରେ ଏକ ହତ୍ୟା ମାମଲା ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

ପ୍ରକାଶ ଯେ, ହିଞ୍ଜିଳି ଥାନା କଣ୍ଟାଇକୋଳି ଗ୍ରାମର ଏନ. ଗଣେଶଙ୍କ ସହ ପିତ୍ତଳ ଗ୍ରାମ ବଡଡ଼େରା ସାହିର ଏନ. ଲତାଙ୍କର ୨୦୦୮ରେ ବିବାହ ହୋଇଥିଲା। ବାହାଘର ପରେ ବିଭିନ୍ନ କାରଣରୁ ଲତାଙ୍କୁ ଶାଶୁ ଘର ଲୋକେ ନିର୍ଯାତନା ଦେଇଆସୁଥିଲେ ଓ ବାପ ଘରକୁ ଛାଡୁ ନ ଥିଲେ। ଶୁକ୍ରବାର ସକାଳେ କବିସୂର୍ଯ୍ୟନଗରରେ ରହୁଥିବା ଲତାଙ୍କ ପିଉସୀଙ୍କୁ ଏନ. ଗଣେଶ ଫୋନ କରି ଲତା ଆତ୍ମହତ୍ୟା କରିଥିବା ଜଣାଇଥିଲେ। ପିଉସୀଙ୍କ ଠାରୁ ଲତାଙ୍କ ଭାଇ ଏ. ତାରିଣୀ ପୋଲୁ ଏ ବିଷୟରେ ଜାଣି ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସାହୁ ସଦଳବଳେ ଗ୍ରାମରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଛନ୍ତି।



ବଧୂହତ୍ୟା ଅଭିଯୋଗ ଘଟଣାରେ ଗିରଫ ଅଭିଯୁକ୍ତମାନେ।

# ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେଲେ ଲୁଟେରା

ଆସିକା,୭।୯(ଡି.ଏନ୍.ଏ.)

ଆସିକା ସହର ଉପକଣ୍ଠ କାଳଷଣ୍ଢପୁର ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ରାସ୍ତାରେ ଚାଲି ଚାଲି ଯାଉଥିବା ଜଣେ ମହିଳାଙ୍କ ବେକରୁ ଲୁଟେରା ଅଢେଇ ଭରି ଓଜନର ଏକ ସୁନାହାର ଝାମ୍ପି ଫେରାର ହୋଇଯାଇଛନ୍ତି। ମହିଳା ଜଣକ ହେଲେ କାଳଷଣ୍ଢପୁର ସୋରଡାରୋଡର ସଜନୀ ନାହାକ। ଦଣ୍ଡକାଳୀ ମନ୍ଦିରରୁ ସନ୍ଧ୍ୟା ଦର୍ଶନ ସାରି ଫେରୁଥିବାବେଳେ ସଜନୀ ଲୁଟ୍‌ର ଶିକାର ହୋଇଥିଲେ। ବାଇକରେ ଆସି ୨ଜଣ ଲୁଟେରା ତାଙ୍କ ବେକରୁ ସୁନାହାର ଝାମ୍ପି ନେଇ ବ୍ରହ୍ମପୁର ରାସ୍ତାରେ ଚାଲି ଯାଇଥିଲେ। ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ ଚଳାଇଛି।




# ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ହିଞ୍ଜିଳିକାଟୁ,୭।୯(ଡି.ଏନ୍.ଏ.)

ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ମାରଧର କରିବା ସହ ନିର୍ଯାତନା ଦେବା ଅଭିଯୋଗରେ ଶୁକ୍ରବାର ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ହିଞ୍ଜିଳି ଥାନା ଅନ୍ତରିଗାଁର ଟୁଟୁ ସ୍ୱାଇଁ। ଏନେଇ ଟୁଟୁଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ଅଭିଯୋଗ କ୍ରମେ ଥାନାରେ ନଂ-୨୨୯/୧୮ ରେ ମାମଲା ରୁଜୁ ହୋଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

ପ୍ରକାଶ ଯେ, ୨୦୦୭ରେ ହିଞ୍ଜିଳି ଥାନା ଅନ୍ତରିଗାଁର ଟୁଟୁଙ୍କ ସହ କବିସୂର୍ଯ୍ୟନଗର ଥାନା ମୋରାବାଇ ଗ୍ରାମର ଲକ୍ଷ୍ମୀ ସ୍ୱାଇଁଙ୍କ ସହ ବାହାଘର ହୋଇଥିଲା। ବାହାଘର ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଲକ୍ଷ୍ମୀଙ୍କୁ ନିର୍ଯାତନା ଦେଉଥିଲେ। ଗତ ମଙ୍ଗଳବାର ସ୍ୱାମୀ ଟୁଟୁ ଓ ମାଉସି ଶାଶୁ ମିଶି ଲକ୍ଷ୍ମୀଙ୍କୁ ମାରଧର କରିଥିଲେ। ଲକ୍ଷ୍ମୀ ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେବାପରେ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ।

# ପରୀ-୨: ୧୪ ଶିଶୁ ଶ୍ରମିକ ଉଦ୍ଧାର

ଗୋପାଳପୁର,୭।୯

ସାରା ରାଜ୍ୟରେ ପୋଲିସ ପକ୍ଷରୁ ପରୀ-୨ ଅପରେସନ ଜାରି ରହିଥିବା ବେଳେ ବ୍ରହ୍ମପୁର ପୋଲିସ ଜିଲାର ଗୋପାଳପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶୁକ୍ରବାର ୧୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ପାଟପୁର, ଗାଙ୍ଗପୁର, ହିଞ୍ଜିଳିକାଟୁ ଏବଂ ଆଖପାଖ ଅଞ୍ଚଳରେ ସେମାନଙ୍କ ଘର ରହିଛି। ଏହି ଥାନା ଗୋପାଳପୁର, ନାରାୟଣପୁର, କରାପଲ୍ଲୀ, ପଥରା ଛକ, ଡୁରା, ମାଣ୍ଡିଆପଲ୍ଲୀ ଓ ବିଭିନ୍ନ ଗ୍ରାମ ଗୁଡ଼ିକରେ ଥିବା ହୋଟେଲ, ମୋଟର ଗ୍ୟାରେଜ, ଟାୟାର ଦୋକାନ ଓ ଅନ୍ୟ ଦୋକାନ ଗୁଡ଼ିକରେ ଶିଶୁ ଶ୍ରମିକମାନେ କାମ କରୁଥିବା ଖବର ପାଇ ଗୋପାଳପୁର ଥାନାଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ କରି ଶିଶୁଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କୁ ବ୍ରହ୍ମପୁରସ୍ଥିତ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ଚଳିତ ମାସ ୧୫ ଯାଏ ପରୀ-୨ ଅପରେସନ ଜାରି ରହିଥିବା ବେଳେ ୩୦ ପର୍ଯ୍ୟନ୍ତ ମୁସ୍କାନ-୨ ବାହାର ଜିଲା ଓ ବାହାର ରାଜ୍ୟରେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବ ବୋଲି ଜଣାପଡ଼ିଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଥାନାଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ସୂଚନା ଦେଇଥିଲେ।

# ଅନିଲ ଗୌଡ଼ ହତ୍ୟା ମାମଲାରେ ୨ ଗିରଫ

ଧରାକୋଟ,୭।୯(ଡି.ଏନ୍.ଏ.)

ଧରାକୋଟ ଥାନା ଇଲାକାରେ ୩ ବର୍ଷ ପୂର୍ବେ ଘଟିଥିବା ଏକ ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୋରଡ଼ା ଥାନା ନିକଟ ବଡ଼ବୋରସିଙ୍ଗ ଗ୍ରାମର ସୌମ୍ୟରଞ୍ଜନ ଓରଫ୍ ରାଜା ମହାପାତ୍ର, ଦିନବନ୍ଧୁ ଓରଫ୍ ସରୋଜ ପଣ୍ଡା। ଦୀର୍ଘ ଦିନ ଧରି ଉଭୟ ଅଭିଯୁକ୍ତ ଫେରାର୍ ଥିବାବେଳେ ନଂ. ୪୧/୧୫ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ୨୮ ମେ ୨୦୧୫ରେ ଧରାକୋଟ ଗ୍ରାମ ଉପକଣ୍ଠ ବାଲ୍ମୀକେଶ୍ୱର ଅନାଥ ଆଶ୍ରମ ସମ୍ମୁଖରେ ଭଞ୍ଜନଗର କଇଣ୍ଡି ଗ୍ରାମର ବୁଲୁ ଓରଫ ଅନିଲ ଗୌଡ଼ଙ୍କୁ ତାଙ୍କ ଅଞ୍ଚଳର କେତେକ ଦୁର୍ବୃତ୍ତ ପଥରରେ ଛେଚି ହତ୍ୟା କରିଥିଲେ। ଏଥିରେ ଶିବ ପ୍ରସାଦ ଦେବଙ୍କ ସମେତ ଅନ୍ୟ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ଫେରାର୍ ଥିବାବେଳେ ୭ଜଣ ସମ୍ପୃକ୍ତ ଥିବା ନେଇ ଧରାକୋଟ ଆଇଆଇସି ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି। ଅନିଲ ଏକ ଉତ୍ସବରେ ଯୋଗଦେବା ପାଇଁ ସୋରଡ଼ା ଦେଇ ଧରାକୋଟ ରାସ୍ତାରେ ବ୍ରହ୍ମପୁରା ଯାଉଥିବାବେଳେ ଠିକାଦାରୀ ଓ ବ୍ୟବସାୟରେ ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିଲା।



ଗିରଫ ୨ ଅଭିଯୁକ୍ତ



BHUBHANESHWAR: 1st Floor, SCR Plot No. 26, Bapuji Nagar, Janapath. Ph: 0674-2597190 9337038666 / 9437167283 | SAMBALPUR: Plot No. 2572 (G+1st Floor), Golebazar, Near Pirbaba Chowk & Bhubaneshwari Temple. Ph: 0663-2532121 / 9337004051 / 9861584713 | ANGUL: Beside Hotel Prasanthi, NH-55, Turang. Ph: 06764 - 605077 / 7853925775 / 9937068960

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ